ଶ୍ରୀମତୀ ରତନ କୌର

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ମଇ 2, 1997

[କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଦଖଲ ମିଆଦି ଅନୁମତି ପତ୍ର:*

*ସରକାରୀ ଜମି – 30 ବର୍ଷ ପାଇଁ ହସ୍ତାନ୍ତର କରାଗଲା – ହସ୍ତାନ୍ତରଗ୍ରାହୀଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ଜମି ହସ୍ତାନ୍ତର କରିଥିଲେ – ହସ୍ତାନ୍ତରଗ୍ରାହୀଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ହସ୍ତାନ୍ତର ପାଇଁ ଆବେଦନ କରିଥିଲେ – ଆବେଦନ ପ୍ରତ୍ୟାଖ୍ୟାନ କରାଗଲା – ଉଚ୍ଚ ନ୍ୟାୟାଳୟଙ୍କର ଏକକ ବିଚାରପତି ହସ୍ତାନ୍ତର ମଞ୍ଜୁର କରିବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ଖଣ୍ଡପୀଠ ରିଟ୍ ଅପିଲକୁ ଅନୁମତି ଦେଇ କହିଥିଲେ ଯେ, 30 ବର୍ଷର ଅବଧି ଶେଷ ହେବା ପରେ ଦ୍ୱିତୀୟ ନବୀକରଣ ପାଇଁ ଆବେଦନକାରୀଙ୍କର କୌଣସି ଅଧିକାର ନାହିଁ– ଦର୍ଶାଯାଇଛି, ଅନୁଦାନ ନବୀକରଣ ପାଇଁ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ସ୍ପଷ୍ଟ ଭାବରେ କ୍ଷମତାଭୁକ୍ତ ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 3639/1997 ।

ଏଫ୍.ଏମ୍.ଏ.ଟି. ସଂଖ୍ୟା 2490/1993ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କର 25.7.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ ଓମ୍ ପ୍ରକାଶ ଦୁବେ, ଆର୍.ଡି. ଉପାଧ୍ୟାୟ ଏବଂ ସୁବ୍ରତ ଦାସ ।

ଉତ୍ତରଦାତାମାନଙ୍କ ପାଇଁ ଏମ୍.ଏସ୍. ଉସଗାଓକର, ଅତିରିକ୍ତ ମହାନ୍ୟାୟାଭିକର୍ତ୍ତା, ଧ୍ରୁବ ମେହେତା ଏବଂ ଡି.ଏସ୍. ମେହେରା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା:

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ମୂଳତଃ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଅବସ୍ଥିତ 68 ଏକର, 7 କନାଲ ଏବଂ 11 ମାର୍ଲା ଜମି ମଇ 1, 1922ରେ ଖାନସାହିବ ନବାନ୍ ଅଲ୍ଲୀଙ୍କୁ 30 ବର୍ଷ ପାଇଁ ହସ୍ତାନ୍ତର କରାଯାଇଥିଲା । 1947 ମସିହାରେ ତାଙ୍କର ଦେହାନ୍ତ ପରେ, ତାଙ୍କ ବିଧବା ପତ୍ନୀ ଶ୍ରୀମତୀ ନୁର୍ଜାହାନ୍ ବେଗମ୍ ବର୍ଷ 1949-50ରେ ଅପିଲକାରୀଙ୍କ ଶ୍ୱଶୁରଙ୍କ ନାମରେ ଜମି ହସ୍ତାନ୍ତର କରିଥିଲେ । ତାଙ୍କ ଶ୍ୱଶୁରଙ୍କ ମୃତ୍ୟୁ ପରେ ଅପିଲକାରୀଙ୍କ ନାମରେ ଜଣେ ଅଧିକାରୀଙ୍କ ଦ୍ୱାରା ମାଲିକାନା ପରିବର୍ତ୍ତନ କରାଯାଇଥିଲା । ସେ ହସ୍ତାନ୍ତର ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଯାହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟରେ ଦାୟର ଏକ ରିଟ୍ ଆବେଦନ ଉପରେ, ବିଜ୍ଞ ଏକକ ରାୟ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜୁଲାଇ 25, 1995 ତାରିଖର ରାୟ ଏବଂ ଆଦେଶ ଦ୍ୱାରା, ରିଟ୍ ଅପିଲ ସଂଖ୍ୟା 2490/93ରେ, କଲିକତା ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠ ରିଟ୍ ଅପିଲକୁ ଅନୁମତି ଦେଇଥିଲେ ଏବଂ ଦର୍ଶାଇଥିଲେ ଯେ, 30 ବର୍ଷର ଅବଧି ଶେଷ ହେବା ପରେ ଦ୍ୱିତୀୟ ନବୀକରଣ ପାଇଁ ତାଙ୍କର କୌଣସି ଅଧିକାର ନାହିଁ । ଯେହେତୁ ଚୁକ୍ତିନାମା ଅନୁଯାୟୀ, ସମ୍ପୃକ୍ତ ପୂର୍ବସୂରୀ କେବଳ ଗୋଟିଏ ନବୀକରଣ ପାଇଁ ହକଦାର ଥିଲେ, ପ୍ରଥମ ନବୀକରଣ ପରେ, ତାଙ୍କର କୌଣସି ଅଧିକାର ନଥିଲା । ଦାୟିତ୍ୱ

ପ୍ରଦାନ ପାଇଁ ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ସମ୍ପୂର୍ଣ୍ଣ ଆଇନଗତ ଅଟେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଠିକ ଅଟେ । ଏହି ଜମିଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଅଧୀନରେ ଥିଲା ଏବଂ ସେଗୁଡ଼ିକୁ ଖାନସାହିବ ନବାନ୍ ଅଲ୍ଲୀଙ୍କୁ ହସ୍ତାନ୍ତର କରାଯାଇଥିଲା । ହସ୍ତାନ୍ତରଗ୍ରାହୀଙ୍କର କେବଳ ଗୋଟିଏ ନବୀକରଣର ଅଧିକାର ରହିଛି । ସ୍ୱୀକାରଯୋଗ୍ୟ, ଏହି ଦଖଲ ମିଆଦି ଅନୁମତି ପତ୍ର ମଇ 1922ରେ ଦିଆଯାଇଥିଲା । 1952ରେ 30 ବର୍ଷର ଅବଧି ଶେଷ ହେବା ପରେ, ଆଉ 30 ବର୍ଷ ପାଇଁ ନବୀକରଣକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା, ତାଙ୍କୁ ହସ୍ତାନ୍ତର ପାଇଁ କୌଣସି ଅଧିକାର ନଥିଲା । ଅନୁଦାନର ନବୀକରଣ ପାଇଁ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ସ୍ପଷ୍ଟ ଭାବରେ କ୍ଷମତାଭୁକ୍ତ କାର୍ଯ୍ୟ ଅଟେ ।

ଏହା କୁହାଯାଇଛି ଯେ, ଅପିଲକାରୀଙ୍କ ପାଖରେ ବଡ଼ ପରିବାର ରହିବା ପାଇଁ କୌଣସି ଘର ନାହିଁ । ସେହି ଦୃଷ୍ଟିକୋଣରୁ, ଆମେ ଉତ୍ତରଦାତାମାନଙ୍କୁ ଘର ନିର୍ମାଣ ପାଇଁ ଉପଯୁକ୍ତ ଜମି ମଞ୍ଜୁର ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦେଉଛୁ ।

ତଦନୁସାରେ ଅପିଲଟିର ପରିସମାପ୍ତି କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲର ପରିସମାପ୍ତି ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦକ
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ